H.w ପାଠ-୧୨ ବିଶ୍ୱବିଜୟୀ ବିବେକାନନ୍ଦ

୧୪/୧୧/୨୧ ଅଭ୍ୟାସ

୧- ଉତ୍ତର କୁହ:

(କ) ବିଲେ କଦଳୀବାଡ଼ିରେ ବସିବାର କାରଣ କ'ଣ?

ଉ- ବିଲେ ମାଆଙ୍କ ପାଖରୁ ରାମାୟଣ କାହାଣୀରୁ ଏପରି ଶୁଣିଥିଲେ ଯେ ପ୍ରଭୁ ହନୁମାନଙ୍କୁ କଦଳୀ ଖାଇବାକୁ ଅତ୍ୟନ୍ତ ଭଲ ଲାଗେ। ତେଣୁ ହନୁମାନ ରାତିରେ କଦଳୀ ଖାଇବାକୁ ଆସିବେ ଭାବି ବିଲେ କଦଳୀ ବାଡ଼ିରେ ତାଙ୍କୁ ଦେଖିବାପାଇଁ ବସିଥିଲେ।

(ଖ) ବିଲେଙ୍କର ଏପରି ନାଁ କାହିଁକି ଦିଆ ଯାଇଥିଲା?

ଉ- ବିଲେଙ୍କର ମାଆ ଭୁବନେଶ୍ୱରୀ ଦେବୀ କାଶୀରେ ଥିବା ବୀରେଶ୍ୱର ମହାଦେବଙ୍କୁ ପୂଜାକରି ପୁତ୍ରଟିଏ ପାଇଥିବାରୁ ତାଙ୍କ ନାଁ 'ବିଲେ' ଦିଆଯାଇଥିଲା।

(ଗ) ରାମକୃଷ୍ଣ ନରେନ୍ଦ୍ରଙ୍କୁ କ'ଣ ବୁଝାଇ ଦେଇଥିଲେ?

ଉ- ରାମକୃଷ୍ଣ ନରେନ୍ଦ୍ରଙ୍କୁ କହିଥିଲେ ଯେ, ପୃଥିବୀରେ ଥିବା ଧର୍ମ ସମାନ। ମାନବ ସେବା ହିଁ ଭଗବାନଙ୍କର ପ୍ରକୃତ ପୂଜା।

(ଘ) ନରେନ୍ ନିଜ ପରିବାରର ଦାରିଦ୍ର୍ୟ କିପରି ସମ୍ଭାଳି ଥିଲେ?

ଉ- ନରେନ୍ ଶିକ୍ଷକତା କରି ନିଜ ପରିବାରର ଦାରିଦ୍ର୍ୟ ସମ୍ଭାଳି ଥିଲେ। କିନ୍ତୁ ସବୁବେଳେ ଅଭାବ ଅସୁବିଧା ସବୁ ଲାଗି ରହିଥିଲା।

(ଙ) ନରେନ୍ଦ୍ର ନିଜ ଜୀବନର ଲକ୍ଷ୍ୟକୁ କିପରି ଗ୍ରହଣ କଲେ?

ଉ- ଶ୍ରୀରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାକୁ ହିଁ ନରେନ୍ ନିଜ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କଲେ।

୨- <u>ଉତ୍ତର ଲେଖ</u> :

(କ) ବିଶ୍ୱ ଧର୍ମସଭା ଆମେରିକାର କେଉଁ ସ୍ଥାନରେ ହୋଇଥିଲା ?

ଉ- ଆମେରିକାର ଚିକାଗୋ ସହରରେ ବିଶ୍ୱ ଧର୍ମ ସଭା ହୋଇଥିଲା ।

(ଖ) ବିବେକାନନ୍ଦ ଶ୍ରୋତାମାନଙ୍କୁ କିପରି ମନ୍ତ୍ରମୁଗ୍ଧ କଲେ ?

ଉ- ବିବେକାନନ୍ଦ ପ୍ରଥମେ ଶ୍ରୋତା ମାନଙ୍କୁ 'ଭାଇ ଓ ଭଉଣୀ' ବୋଲି ସମ୍ବୋଧନ କଲେ । ତା'ପରେ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁ ଧର୍ମର ବିଶେଷତ୍ୱ ଓ ବିଶ୍ୱଭ୍ରାତୃତ୍ୱର ବାଣୀ ଇତ୍ୟାଦି ଚମତ୍କାର ଭାବରେ ବୁଝାଇ ଦେଇ ବିବେକାନନ୍ଦ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ ।

(ଗ) ପଣ୍ଡିତମାନେ ତାଙ୍କୁ ମାନବଜାତିର ଅଳଙ୍କାର ବୋଲି କାହିଁକି କହିଥିଲେ ?

ଉ- ବିବେକାନନ୍ଦ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁ ଧର୍ମର ବିଶେଷତ୍ୱ, ବିଶ୍ୱଭ୍ରାତୃତ୍ୱର ବାଣୀ ବିଶ୍ୱ ଧର୍ମସଭାରେ ଚମତ୍କାର ଭାବେ ବୁଝାଇ ଦେଇଥିଲେ । ସବୁ ମଣିଷ ଈଶ୍ୱରଙ୍କ ସନ୍ତାନ, ସମସ୍ତେ ଭାଇ ଭଉଣୀ, ମାନବର ସେବା ହିଁ ଈଶ୍ୱରଙ୍କ ସେବା - ଏହା ସେ ବୁଝାଇଦେଲେ । ଏଭଳି କଥା ଶୁଣି ପଣ୍ଡିତମାନେ ତାଙ୍କୁ ମାନବ ଜାତିର ଅଳଙ୍କାର ବୋଲି କହିଥିଲେ ।

(ଘ) 'ରାମକୃଷ୍ଣ ମିଶନ' ଅନୁଷ୍ଠାନଟି କି କି ଲୋକହିତକର କାର୍ଯ୍ୟ କରୁଛି ?

ଉ- ୧୮୯୭ ମସିହାରେ ବିବେକାନନ୍ଦ 'ରାମକୃଷ୍ଣ ମିଶନ' ନାମକ ସେବା ଅନୁଷ୍ଠାନଟିକୁ ଗଠନ କରିଥିଲେ। ଏହା ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷାର ପ୍ରଚାର, ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ଓ ଦରିଦ୍ରମାନଙ୍କର ସେବା କାର୍ଯ୍ୟ କରୁଛି।

(ଙ) ବିବେକାନନ୍ଦ ସାରା ଦେଶରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ?
ଉ- ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷାର ପ୍ରଚାର, ଦରିଦ୍ରମାନଙ୍କର ସେବା ଓ ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ଆଦିର ବାର୍ତ୍ତା ବିବେକାନନ୍ଦ ସାରା ଦେଶରେ ପ୍ରଚାର କରିଥିଲେ।